To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ
R.N.I. No.-42041/83 Vol-15, Issue No.291, ଭଦ୍ରକ, ଗୁରୁବାର, ୨୬, ଏପ୍ରିଲ୍ ୨୦୧୮ ■ Bhadrak, Thursday, 26 April 2018 Rs. 2.00 Pages-8

ମୋତେ କାହିଁକି ସୁରକ୍ଷା ଦିଆଗଲାନି : ଉଷସୀ

ଆଶାରାମଙ୍କୁ ଆଜୀବନ ଜେଲ୍

- ■ ସହ ଅଭିଯୁକ୍ତ ଶିଳ୍ପୀ ଓ ଭରତଚନ୍ଦ୍ରଙ୍କୁ ୨୦ ବର୍ଷ ଜେଲ୍
- ■ ୫ ବର୍ଷରୁ ଜେଲରେ ବନ୍ଦୀ ଅଛନ୍ତି ଆଶାରାମ
- ■ ଉପର କୋର୍ଟରେ ଆବେଦନ କରିବେ ଆଶାରାମ୍ଙ୍କ ଓକିଲ
- ■ କୋର୍ଟଙ୍କ ରାୟରେ ଦୁଷ୍କର୍ମ ପୀଡ଼ିତା ଆଶ୍ୱସ୍ତ

ଯୋଧପୁର, ୨୫।୪: ନାବାଳିକା ଯୁବତୀ ସହ ଦୁଷ୍କର୍ମ ମାମଲାରେ ଯୋଧପୁରର ବିଶେଷ ଅଦାଲତ ଆଶାରାମ ବାପୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏସସି-ଏସଟି କୋର୍ଟର ବିଶେଷ ଜଜ ମଧୁସୂଦନ ଶର୍ମାଙ୍କ ଅଦାଲତ ଆଶାରାମଙ୍କୁ ଆଜୀବନ ଜେଲ ସଜା ଶୁଣାଇଛନ୍ତି । ଏହା ବ୍ୟତୀତ ତାଙ୍କ ସହିତ ସହ ଅଭିଯୁକ୍ତ ଶିଳ୍ପୀ ଓ ଭରତଚନ୍ଦ୍ରଙ୍କୁ ୨୦ ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ସଜା ଶୁଣାଯିବା ମାତ୍ରେ ଆଶାରାମ କୋର୍ଟରେ କାନ୍ଦି ପକାଇଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବାକୁ କୋର୍ଟ କହିଛନ୍ତି । ଉଲ୍ଲେଖଯୋଗ୍ୟ ପୋକ୍ସୋ ଓ ଏସସି-ଏସଟି ଆକ୍ଟ ସମେତ ୧୪ଟି ଧାରାରେ ଦୋଷୀ ସାବ୍ୟସ୍ତ ଆଶାରାମଙ୍କୁ ପ୍ରଥମେ ୧୦ ବର୍ଷର ଜେଲ ସଜା ଦିଆଯିବାକୁ ଶୁଣାଯାଉଥିଲା । ସଜା ଘୋଷଣା ହେବା ପୂର୍ବରୁ ଏସସି-ଏସଟି କୋର୍ଟର ବିଶେଷ ଜଜ ମଧୁସୂଦନ ଶର୍ମାଙ୍କ ଅଦାଲତରେ ଆଶାରାମଙ୍କ ଓକିଲ କହିଥିଲେ ଯେ ତାଙ୍କୁ କମ ସଜା ଦେବା ଉଚିତ୍ । କାରଣ ତାଙ୍କର ବୟସ ଅଧିକ ହୋଇ ଗଲାଣି । ଏଠାରେ କହି ରଖୁଛୁ ଯେ ୨୦୧୩ରୁ ବିଚାର ବିଭାଗୀୟ ହାଜତରେ ଥିବା ଆଶାରାମଙ୍କ ବୟସ ବର୍ତ୍ତମାନ ୭୮ ବର୍ଷ । ଅପରାଧ ସମୟରେ ତାଙ୍କର ଆୟୁ ୭୪ ବର୍ଷ ଥିଲା । ତେଣୁ ତାଙ୍କର ଓକିଲ କହିଥିଲେ ଯେ ବୟସାଧିକ କାରଣରୁ ଆସାରାମଙ୍କୁ ଅତି କମରେ ୧୦ ବର୍ଷ ସଜା ଦେବା ଉଚିତ୍ । ମାତ୍ର ପୀଡିତାଙ୍କ ଓକିଲ ଏହାର ବିରୋଧ କରି ଅପରାଧର ଗମ୍ଭୀରତାକୁ ଦେଖି ଆଶାରାମଙ୍କ କଠୋର ସଜା ଦେବାକୁ ଦାବି କରିଥିଲେ । ୨୦୧୩ ଅଗଷ୍ଟ ୧୫ରେ ଆଶାରାମଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆସିଥିଲା । ସହାଜହାନପୁରର ପୀଡ଼ିତା ଯୋଧପୁରର ମନାଇ ଗାଁରେ ସ୍ଥିତ ଆଶ୍ରମରେ ଆଶାରାମଙ୍କ ଉପରେ ବଳାତ୍କାର ଅଭିଯୋଗ ଲଗାଇଥିଲେ । ପୀଡିତା ଦିଲ୍ଲୀରେ ଆଶାରାମଙ୍କ ବିପକ୍ଷରେ ଏତଲା ମଧ୍ୟ ଦେଇଥିଲେ । ଏହା ପରେ ଆଶାରାମଙ୍କୁ ମଧ୍ୟ ପ୍ରଦେଶର ଇନ୍ଦୋରରୁ ଯୋଧପୁର ପୋଲିସ ଗିରଫ କରିଥିଲା । ତେବେଠୁ ଆଶାରାମ ଜେଲରେ ଅଛନ୍ତି । ଏହି ମାମଲାରେ ଅନେକ ଥର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜାମିନ ପାଇବା ପାଇଁ ଆଶାରାମ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ମାତ୍ର ତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ । ତେବେ କୋର୍ଟଙ୍କ ରାୟ ପରେ ଆଶାରାମଙ୍କ ଓକିଲ **(ପୃଷ୍ଠା-୭)**

ପ୍ରଥମେ ରାମନାମ ଜପିଲେ, ପରେ ହସିଲେ ଓ ଶେଷରେ କାନ୍ଦିଲେ

ଯୋଧପୁର ଜେଲରେ ଜଜ୍ ମଧୁସୁଦନ ଶର୍ମା ଯେତେବେଳେ ଫୈସଲା ଶୁଣାଇଲେ ସେ ସମୟରେ ଆଶାରାମଙ୍କ ଚେହେରା ମଳିନ ପଡି ଯାଇଥିଲା । କିଛି ସମୟ ଶାନ୍ତ ରହିବା ପରେ ସେ ରାମ ନାମ ଜପିବାକୁ ଲାଗିଲେ ଏବଂ କିଛି ସମୟ ପରେ ନାଟକୀୟ ଢଙ୍ଗରେ ହସିବାକୁ ଲାଗିଲେ । ଏହା ସହ ସେ ଜଜଙ୍କୁ କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ । ତା'ପରେ ଆଶାରାମ ଓକିଲଙ୍କ କାନ୍ଧରେ ହାତ ରଖିବା ସହ ତାଙ୍କୁ କିଛି କହିବାକୁ କହିଥିଲେ । ଏହାପରେ ଜଜ ଯେତେବେଳେ ତାଙ୍କୁ ଆଜୀବନ କାରାଦଣ୍ଡର ସଜା ଶୁଣାଇଲେ ସେ କୋର୍ଟ ମଧ୍ୟରେ କାନ୍ଦି ପକାଇଥିଲେ । ୫ ବର୍ଷ ପୂର୍ବେ ହୋଇଥିବା ଏକ ଯୌନ ଶୋଷଣ ମାମଲାର ବିଚାର କରି ଯୋଧପୁର କୋର୍ଟ୍ ଆଶାରାମଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ସୁରକ୍ଷା କାରଣରୁ ଜେଲରେ ହିଁ କୋର୍ଟ ବସିଥିଲା । ଜଜ୍ ମଧୁସୁଦନ ଶର୍ମା ଏହି ମାମଲାର ଶୁଣାଣି କରିଥିଲେ । ସମସ୍ତ ଆରୋପୀ ଯିବା ପରେ ଆଶାରାମଙ୍କୁ ଡକା ଯାଇଥିଲା । କିନ୍ତୁ ସେ ସମୟରେ ଆଶାରାମ ପୂଜା କରୁଥିବା ଦେଖିବାକୁ ମିଳିଥିଲା । ପରେ ୧୫ ମିନିଟ ବିଳମ୍ବରେ ସେ ଜଜଙ୍କ ସାମ୍ନାରେ ଉପସ୍ଥିତ ହୋଇଥିଲେ । ସେଠାରେ ଆଶାରାମ ଜଜଙ୍କୁ କିଛି କହିବା ପାଇଁ ଅନୁମତି ମାଗିଥିଲେ । ଏହାକୁ ଜଜ୍ ଖାରଜ କରିବା ସହ ସେ କିଛି ଶୁଣିବା ପାଇଁ ଚାହାନ୍ତି ନାହିଁ ବୋଲି ଆଶାରାମଙ୍କୁ କହିଥିଲେ । ଏହାର କିଛି ସମୟ ପରେ ଆଶାରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ ବିଚାରପତି ।

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା

ମଞ୍ଜି ପୋତିଥିଲା ପୁଞ୍ଜି

- ଏକାକୀ ରଚିଥିଲା ହତ୍ୟା ଷଡଯନ୍ତ୍ର
- ୟୁ ଟ୍ୟୁବ୍‌ରୁ ଦେଖି ବୋମା ଭିଡ଼ିଥିଲା
- ବେଶ ବଦଳାଇ ରାୟପୁର ଯାଇଥିଲା

ଭୁବନେଶ୍ୱର, ୨୫।୪ (ସକାଳ ଖବର): ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ସ୍ଥାନୀୟ କଲେଜର ଇଂରାଜୀ ଅଧ୍ୟାପକ ପୁଂଜିଲାଲ ମେହେର ହିଁ ଏକମାତ୍ର ଅଭିଯୁକ୍ତ। ପୁଂଜିଲାଲ ଏକୁଟିଆ ଏହି ଯୋଜନା ପ୍ରସ୍ତୁତକରିଥିଲେ । ବୋମା ତିଆରି ଠାରୁ ଆରମ୍ଭ କରି ଏହାକୁ ପରୀକ୍ଷା କରିବା ଓ ଶେଷରେ ଟ୍ରେନରେ ରାୟପୁର ଯାଇ ସେଠାରୁ କୋରିୟରରେ ଗିଫ୍ଟ ପ୍ୟାକେଟ୍ ମୃତ ସୌମ୍ୟରଂଜନଙ୍କ ଘରକୁ ପଠାଇବା ସବୁ ନିଜେ ପୁଂଜିଲାଲ କରିଥିଲେ । ୟୁ-ଟ୍ୟୁବରୁ ବୋମା ତିଆରିର ଭିଡିଓ ଦେଖି ଆବଶ୍ୟକ ସରଂଜାମ ନେଇ ସେ ବୋମା ପ୍ରସ୍ତୁତ କରିଥିଲେ ବୋଲି ପୋଲିସ୍ ଡିଜି ଆର୍ ପି ଶର୍ମା ସୂଚନା ଦେଇଛନ୍ତି । ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଭଇଁଷା କଲେଜର ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ କ୍ରାଇମବ୍ରାଞ୍ଚ ୬ ଦିନିଆ ରିମାଣ୍ଡରେ ନେବ । ଏଥି ପାଇଁ ପାଟଣାଗଡ଼ ଏସ୍‌ଡିଜେଏମ୍ କୋର୍ଟର ସବ୍‌ଜଜ ସୁକୁମାର ମହାପାତ୍ର ଅନୁମତି ଦେଇଛନ୍ତି । ବୁଧବାର ସନ୍ଧ୍ୟା ୬ଟା ହୋଇ ଯିବାରୁ ପାଟଣାଗଡ଼ ଉପଖଣ୍ଡ କାରାଗାରରେ ପୁଞ୍ଜିଲାଲ୍ ଅଛନ୍ତି । ଗିରଫ ହେବା ପରେ କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲଙ୍କୁ ୧୪ ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା । ପୁଞ୍ଜିଲାଲକୁ କ୍ରାଇମବ୍ରାଞ୍ଚ ଏପ୍ରିଲ ୨୬ରୁ ମେ' ମାସ ୧ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ରଖିବ ।

ଡିଜି କହିଛନ୍ତି ଯେ ପୁଂଜିଲାଲ ବୋମା ପ୍ରସ୍ତୁତ କରିବା ପରେ ପାର୍ସଲ ଧରି କଂଟାବାଞ୍ଜିରୁ ରାୟପୁର ଅଭିମୁଖେ ଯାଇଥିଲେ। ଏପରିକି ବେଶ ବଦଳାଇ ସେଠାକୁ ଯାଇ କୋରିୟର ସଂସ୍ଥାରୁ ପାର୍ସଲ ପଠାଇଥିଲା। ଏପରିକି ନିଜେ କୋରିୟର ସେଂଟରକୁ ଯିବା ବଦଳରେ ରେଲୱେ ଷ୍ଟସନରୁ ଯାଇଥିବା ଅଟୋ ଡ୍ରାଇଭରକୁ ସେଠାକୁ ପଠାଇଥିଲା। ଗୋଟିଏ କୋରିୟରେ ପରିଚୟ ପତ୍ର ମାଗିବାରୁ ବାଧ ହୋଇ ଆଉ ଗୋଟିଏ କୁରିୟରରୁ ପାର୍ସଲ ପଠାଇଥିଲା। ଅପରାଧର ସବୁ ପ୍ରମାଣକୁ ନଷ୍ଟ କରିବା ପାଇଁ ରାୟପୁର ପିନ୍ଧିକି ଯାଇଥିବା କୋଟ୍ ଏବଂ ଟୋପିକୁ ପୋଡ଼ି ଦେଇଥିଲା । ହେଲେ ପାର୍ସଲ ରିସିଭ୍ କିନ୍ତୁ ଘରେ ଥିବା ଏକ ବହିଥାକରେ ରହିଯାଇଥିଲା । ଯାହା ପୁରା କାହାଣୀକୁ ଧରାପକାଇ ଦେଇଥିଲା ।

ଜେଲରୁ ମୁକୁଳିଲେ ଆଚାର୍ଯ୍ୟ

ଭୁବନେଶ୍ୱର, ୨୫।୪ (ସକାଳ ଖବର):ଝାରପଡା ଜେଲରୁ ମୁକୁଳିଲେ ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟ। ଜ୍ୟୋତି ମୋଟର୍ସ କର୍ମଚାରୀ ଅପହରଣ ମାମଲାରେ ହାଇକୋର୍ଟ ରାଜାଙ୍କୁ ସର୍ତମୂଳକ ଜାମିନ ଦେଇଥିଲେ । ରାଜା୨୦୦୮ରୁ ବିଭିନ୍ନ ମାମଲାରେ ଜେଲରେ ଥିଲେ। ଅନ୍ୟପକ୍ଷରେ ରାଜାଙ୍କୁ ଜାମିନ୍ ବିରୋଧରେ କୋର୍ଟରେ କମିଶନରେଟ ପୋଲିସ୍ ଆବେଦନ କରିପାରେ। ରାଜାଙ୍କ ଜାମିନ୍ ନିର୍ଦ୍ଦେଶ କପି ମିଳିବା ପରେ ପୋଲିସ୍ ପରବର୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବ । ଦୀର୍ଘ ୧୦ ବର୍ଷ ପରେ ଜେଲରୁ ମୁକୁଳିଛନ୍ତି ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟ। ଅପରପକ୍ଷରେ ରାଜା ଜେଲରୁ ଛାଡ୍ ପାଇବା ଏବେ କମିଶନରେଟ୍ ପୋଲିସ୍ , ମୃତ ଜୁଡୋ କୋଚ୍ ବିରଂଚି ଦାସଙ୍କ ପତ୍ନୀ ଗୀତାଂଜଳୀ ଓ ଅନ୍ୟାନ୍ୟ ସାକ୍ଷୀ ମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ରାଜାଙ୍କୁ ଜାମିନ୍ ମିଳିବା ପରେ ନିଜକୁ ଅସୁରକ୍ଷିତ ମନେ କରୁଥିବା କହିଥିଲେ ଗୀତାଂଜଳୀ। ସେହିପରି ଭବିଷ୍ୟତରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ **(ପୃଷ୍ଠା-୭)**

ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଆମେ ପ୍ରସ୍ତୁତ : ସ୍ୱାସ୍ଥ୍ୟମନ୍ତ୍ରୀ

ବିଶ୍ୱ ମ୍ୟାଲେରିଆ ଦିବସ ପାଳନ

ଭୁବନେଶ୍ୱର,୨୫।୪ (ସକାଳ ଖବର): ମ୍ୟାଲେରିଆ ହେଉଛି ଏକ ବିରାଟ ଜନସ୍ୱାସ୍ଥ୍ୟ ସମସ୍ୟା । ମ୍ୟାଲେରିଆ ରୋଗର ନିୟନ୍ତ୍ରଣ ଓ ପ୍ରତିକାରର ବାର୍ତ୍ତା ପ୍ରଚାର କରିବା ଓ ସାଧାରଣ ଲୋକଙ୍କୁ ସଚେତନ କରିବା ନିମନ୍ତେ ଏହି ଦିବସ ପାଳନ କରାଯାଉଛି । ରାଜ୍ୟରେ ମ୍ୟାଲେରିଆ ନିରାକରଣ ନିମନତେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଆମେ ପ୍ରସ୍ତୁତ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ , ଆଇନ,ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ।ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଆଜି ଜୟଦେବ ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଜେନା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି କହିଛନ୍ତି ଯେ ମଶା ସାଧାରଣତଃ ମ୍ୟାଲେରିଆ ରୋଗର ବାହକ । ସ୍ୱାସ୍ଥ୍ୟ ସଚେତନତା , ପରିସ୍କାର ପରିଚ୍ଛନ୍ନତା , ମଶାରୀ ବ୍ୟବହାର ଦ୍ୱାରା ମ୍ୟାଲେରିଆକୁ ମୂଳୋତ୍ପାଟନ କରାଯାଇପାରିବ । ରାଜ୍ୟର ମ୍ୟାଲେରିଆ ପ୍ରବଣ ଜିଲ୍ଲାମାନଙ୍କରେ ୧ କୋଟି ୧୩ ଲକ୍ଷ ଦୀର୍ଘସ୍ଥାୟୀ ଔଷଧୀୟ ମଶାରୀ ବଂଟନ କରାଯାଇଛି । ଫଳରେ ୧୭ ଟି ମ୍ୟାଲେରିଆ ପ୍ରବଣ ଜିଲ୍ଲାର ଲୋକମାନେ ଉପକୃତ ହୋଇଛନ୍ତି । ଦେଖିବାକୁ ଗଲେ ୨୦୧୨ ମସିହାରେ ୨୬,୨୮,୪୨ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ବେଳେ ୭୯ ଜଣଙ୍କର ମୃତ୍ୟୁ **(ପୃଷ୍ଠା-୭)**

ମାଓବାଦୀଙ୍କ ଦ୍ୱାରା ସରପଞ୍ଚଙ୍କୁ ହତ୍ୟା

ମାଲକାନଗିରି, ୨୫।୪ (ସକାଳ ଖବର): ସୀମାନ୍ତ ଦକ୍ଷିଣ ବସ୍ତରରେ ମାଓବାଦୀଙ୍କ ଲାଲତାଣ୍ଡବ ବୃଦ୍ଧି ପାଇବାରେ ଲାଗିଛି। ଦନ୍ତେୱାଡ଼ା ଜିଲ୍ଲା ଦରବା ଗ୍ରାମର ସରପଂଚ ସୋମାରୁ ରାମ ମାଡ଼ବିକୁ ମାଓବାଦୀମାନେ ପିଟିପିଟି ମାରିଦେଇଥିବା ଜଣାପଡ଼ିଛି। କୁଟରୁ ଓ ମାଟବାଡ଼ା ରାସ୍ତାର ମାଡ଼ବି ଗ୍ରାମରେ ମଙ୍ଗଳବାର ରାତ୍ରରେ ୫୦ଜଣ ମାଓବାଦୀ ଆସି ସରପଂଚ ସୋମାରୁଙ୍କ ଗରକୁ ଆସି ତାକୁ ଧମକ ଚମକ ଦେବାସହ ରୋଡ଼ ଉପରକୁ ଆଣି ପୋଲିସ ଇନଫର୍ମର ଦର୍ଶାଇ ପିଟି ପିଟି ମାରିଦେଇଥିଲେ। ଆଜି ସକାଳୁ ଘଟଣାସ୍ଥଳରେ ପୋଲିସ ପହଂଚିତ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଟରୁ ପଠାଇଥିଲେ।

ମେ ପ୍ରଥମ ସପ୍ତାହରେ ପୋଲାଭରମ ଶୁଣାଣି

ଭୁବନେଶ୍ୱର, ୨୫।୪ (ସକାଳ ଖବର): ଗୋଟିଏପଟେ ମହାନଦୀକୁ ନେଇ ଛତିଶଗଡ଼ ସହିତ ଓଡ଼ିଶାର ଛକାପଞ୍ଝା ଚାଲିଥିବା ବେଳେଅନ୍ୟ ପଟେ ପୋଲାଭରମକୁ ନେଇ କେନ୍ଦ୍ର ସହିତ ଓଡ଼ିଶାର ବିବାଦ ଲାଗି ରହିଛି । ଏହି ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରଧୀନ ରହିଛି । ସଂସଦରେ ମଧ୍ୟ ଉଠିଛି ପୋଲଭରମ ପ୍ରକଳ୍ପ । ଏହି କ୍ରମରେ ମେ ପ୍ରଥମ ସପ୍ତାହରେ ସୁପ୍ରିମକୋର୍ଟରେ ପୋଲାଭରମ ମାମଲାର ଶୁଣାଣି ହେବ । ସୁପ୍ରିମକୋର୍ଟ ବିଚାରପତି ମଦନ ବି ଲୋକୁର ଓ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ ମାମଲାର ଶୁଣାଣ କରିବେ । ସୁପ୍ରିମକୋର୍ଟରେ ଶୁଣାଣି ନେଇ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଆଜି ସୂଚନା ଦେଇଛନ୍ତି । ଏହା ପୂର୍ବରୁ ୨୦୧୮ ଫେବ୍ରୁଆରି ଦ୍ୱିତୀୟ ସପ୍ତାହରେ ଏହା ଉପରେ ଶୁଣାଣି ହୋଇଥିଲା । ଉଲ୍ଲେଖଯୋଗ୍ୟ ଡିସେମ୍ବର ୧୨ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠକୁ ଓଡ଼ିଶା ଖଣ୍ଡନ କରି ନିଜର ପକ୍ଷ ରଖିଥିଲା । ଏହା ସହିତ ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର କେଉଁ ଅଞ୍ଚଳ କ୍ଷତିଗ୍ରସ୍ତ ହେବ ବୋଲି ଓଡ଼ିଶା ଯୁକ୍ତି ରଖିଥିଲା ।ପୋଲାଭରମ ପ୍ରକଳ୍ପକୁ ବିରୋଧ କରି ରାଜ୍ୟ ସରକାରଙ୍କ ତରଫରୁ ଏକାଧିକ ମାମଲା ବିଚାରାଧୀନ ରହିଥିବାବେଳେ ଗତ ଡିସେମ୍ବରର ପ୍ରଥମ ସପ୍ତାହରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ସ୍ୱୟପାଠ ଦାଖଲ କରିଥିଲେ । ଓଡ଼ିଶା ସରକାରଙ୍କର ସମସ୍ତ ଆବେଦନକୁ ଖାରଜ କରିବାକୁ କେନ୍ଦ୍ର ଦାବି କରିଥିଲା । ଏହାପରେ ଓଡିଶା ପକ୍ଷରୁ ପୋଲାଭରମ ପ୍ରକଳ୍ପକୁ ନେଇ ସମସ୍ତ ନଥିପତ୍ର ଦାଖଲ କରାଯାଇଥିଲା ।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୨୫.୪.୧୮)
୧,୯୨,୧୪୮

୨୧ଟି ତୁମ୍ବରେ ଅରବିନ୍ଧ ହେଲା

ପୁରୀ , ୨୫।୪ (ସକାଳ ଖବର): ବୁଧବାର ଦିନ ରଥଖଳାର ଅଷ୍ଟମ ଦିବସ। ରଖଥଳାରେ ଅରବିନ୍ଧ ଅନୁକୂଳ ନଡିଆ ବାଡିଆ ହୋଇ ଶୁଭାରମ୍ଭ ହୋଇଛି। ନନ୍ଦିଘୋଷ ରଥ ୧୧ଟି ତୁମ୍ବରେ ଅରବିନ୍ଧ ହୋଇଥିବା ବେଳେ ତାଳଧ୍ୱଜ ରଥର ୨ଟି ଓ ଦର୍ପଦଳନ ରଥର ୯ଟି ତୁମ୍ବରେ ଅରବିନ୍ଧ କାର୍ଯ୍ୟ ହୋଇଛି। ନିହଣ ଓ ମୁଗୁର ସାହାଯ୍ୟରେ ସଠିକ୍ ମାପରେ ଏହି ବିନ୍ଧ କରାଯାଉଛି। ତୁମ୍ବ ଉପରେ ଦୁଇଟି ବିନ୍ଧରେ ଗୋଟିଏ ଅର ଲାଗିଥାଏ। ମହାରଣାମାନେ ପାରମ୍ପରିକ ଲମ୍ବା ନିହଣରେ ଏବଂ କାଠରେ ନିର୍ମିତ ମୁଗୁର ସଠିକ୍ ନାଦ ଦେଇ ଧିରେ ଧିରେ ଏହି ଅରବିନ୍ଧ କାର୍ଯ୍ୟ କରୁଛନ୍ତି। ଅରବିନ୍ଧ ପରେ ଅର ବାଡିଆ ଓ ପରେ ପରେ ପଇ ବାଡିଆ ହେବା ପରେ ଚକଟ ସମ୍ପନ୍ନ ହୋଇଥାଏ। ସ୍ନାନପୂର୍ଣ୍ଣମୀ ଦିନ ପ୍ରତି ରଥର ଦୁଇଟି ଚକ ଡେରାଯିବ। ରଥରେ ବ୍ୟବହାର ହେଉଥିବା ବିଭିନ୍ନ ଅଂଶର ବିଭିନ୍ନ ନାମକରଣ ରହିଛି। ତୁମ୍ବ, ନାହାକା ଅଖ, ପରି ନାହାକ, ବଡ ଉଚ୍ଛୁଳା, ସାନ ଉଚ୍ଛୁଳା, ମୁହାଁଟି, ପାଶମୁହାଁଟି, ଦଣ୍ଡା, ପ୍ରଥମ ପାଶଦଣ୍ଡା, ଦ୍ୱିତୀୟ ପାଶଦଣ୍ଡା, ନିରାଡ଼ି, ଚାରପରିଛା, ଗରଗରା, ଗୟଳ, ଚାରିନାହାକା, ପାର୍ଶ୍ୱମୂର୍ତ୍ତିରାଜ, ଗୁଜ, ଜଳଯନ୍ତ୍ର, ଯୋକା, ଚଉଦ ନାହାକା, ଧମକ, ଜଗତପୃଷ୍ଠ, **(ପୃଷ୍ଠା-୭)**

ପେଟ୍ରୋଲ, ଡିଜେଲ୍ ଉପରୁ ସରକାର ଭାଟ୍ ଛାଡ଼ କରନ୍ତୁ : ବିରୋଧୀ

ଭୁବନେଶ୍ୱର, ୨୫।୪ (ସକାଳ ଖବର): ବୁଧବାର ପେଟ୍ରୋଲ ଓ ଡିଜେଲ ଦର ମହଙ୍ଗା ଓ ମାତ୍ରାଧିକ ଟ୍ୟାକ୍ସ ଲଗାଇ ଲୋକଙ୍କୁ ଶୋଷଣ କରାଯାଉଥିବା ଜନିତ ମୁଲତବୀ ପ୍ରସ୍ତାବ ଓ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ମୁଲତବୀ ପ୍ରସ୍ତାବ ଆଣିଥିବା ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ବିଧାୟକ ତାରା ପ୍ରସାଦ ବାହିନୀପତି , କୈଳାଶ ଚନ୍ଦ୍ର କୁଲେସିକା , ଭୁଜବଳ ମାଝୀ ଏହି ସାମଗ୍ରିକ ଦର ବୃଦ୍ଧି ପାଇଁ କୁମ୍ଭୀର କନ୍ଦଣା ନକାନ୍ଦି ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନ କରିବା ପରିବର୍ତେ ସରକାର ଆଦାୟ କରୁଥିବା ଭ୍ୟାଟ୍ ସମ୍ପୂର୍ଣ୍ଣ ଛାଡ୍ କରିବା ପାଇଁ ଦାବି କରିଥିଲେ। ଅନ୍ୟପକ୍ଷରେ ବିଜେପି ବିଧାୟକ ପ୍ରଦୀପ ପୁରୋହିତ ଓ ବସନ୍ତ ପଣ୍ଡା ତୈଳ ଉପରେ ଭାଟ୍ ର ପରିମାଣକୁ ଅନ୍ୟ ରାଜ୍ୟ ଭଳି ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଦାବି କରିଥିଲେ। ଏସମ୍ପର୍କରେ ଆଜି ଗୃହରେ ମୁଖ୍ୟମନ୍ତ୍ରୀ ଘୋଷଣା କରି ଓଡିଶାବାସୀଙ୍କୁ ନ୍ୟାୟ ଦିଅନ୍ତୁ ବୋଲି ନିଜ ଦାବିରେ ଦର୍ଶାଇଥିଲେ। ଶାସକ ଦଳ ସଭ୍ୟ ବେଦ ପ୍ରକାଶ ଅଗ୍ରୱାଲ , ରୋହିତ ପୂଜାରୀ , ଅମର ପ୍ରସାଦ ଶତପଥୀ ଓ ମହେଶ ସାହୁ ପ୍ରମୁଖ କହିଥିଲେ ଯେ ରାଜ୍ୟ ସରକାର ପେଟ୍ରୋଲ ଡିଜେଲ ଉପରୁ ୧ ପ୍ରତିଶତ ଏଂଟ୍ରି ଟ୍ୟାକ୍ସ ଛାଡ୍ କରିଛନ୍ତି । ମାତ୍ର ସରଚାର୍ଜ କି ସେସ୍ ବସାଇ ନାହାନ୍ତି । କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ସହ ସେସ୍ ଆଦାୟ କରୁଛନ୍ତି । ତୈଳ କମ୍ପାନୀ ମାନଙ୍କ ନିୟନ୍ତ୍ରଣ ମୁକ୍ତ ନକରି ନିୟନ୍ତ୍ରଣକୁ ଆଣିବାକୁ ପ୍ରସ୍ତାବ ଦେଇଥିଲେ। ଆଲୋଚନାର ଉତରରେ ଅର୍ଥମନ୍ତ୍ରୀ ଶ୍ରୀ ଶଶି ଭୂଷଣ ବେହେରା କହିଲେ ଯେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ କରିଥିବା ଅତିରିକ୍ତ ଶୁଳ୍କ ହ୍ରାସ କଲେ ସାରା ଦେଶରେ ପେଟ୍ରୋଲ ଓ ଡିଜେଲର ଖୁଚୁରା ମୂଲ୍ୟ ହ୍ରାସ ହୋଇପାରିବ । ପେଟ୍ରୋଲ ଓ ଡିଜେଲକୁ ଜିଏସଟି କାଉନସିଲର ଅନ୍ତର୍ଭୁକ୍ତ କରିବା ପାଇଁ ଯେଉଁ ଦାବି ହେଉଛି ସେସମ୍ପର୍କରେ ଜିଏସଟି କାଉନସିଲର ଅଧ୍ୟକ୍ଷ ଯେତେବେଳେ ଏହି ପ୍ରସ୍ତାବ ଆଣିବେ ତାହା ଉପରେ ଆଲୋଚନା ହୋଇ ନିଷ୍ପତି ନିଆଯିବ। ମନ୍ତ୍ରୀଙ୍କ ଉତର ପରେ ବାଚସ୍ପତି ଏହି ମୁଲତବୀ ପ୍ରସ୍ତାବକୁ ଖାରଜ କରିଥିଲେ ।

୮ଟି ସହରର ତାପମାତ୍ରା ୪୦ ଉପରେ

- ➲ ଟିଟିଲାଗଡ଼ ପାଲଟିଛି ତତଲାଗଡ଼
- ➲ ରାଜଧାନୀ ବି ବାଦ୍ ପଡ଼ିନି

ଭୁବନେଶ୍ୱର,୨୫।୪ (ସକାଳ ଖବର): ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ରୌଦ୍ରତାପ । ଦିନ ୧୧ଟା ପରେ ଘରୁ ବାହାରିବା ଏକ ପ୍ରକାର ଅସହ୍ୟବୋଧ ହେଉଛି । ସୂର୍ଯ୍ୟ ନଇଁବା ପର୍ଯ୍ୟନ୍ତ ଘରୁ ବାହାରି ପାରୁନାହାନ୍ତି ଜନସାଧାରଣ । ଆଜି ମଧ୍ୟ ରାଜ୍ୟର ୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ପାଣିପାଗ **(ପୃଷ୍ଠା-୭)**

{Àÿæ f æàÿêœÿ ¨ætÉæ~êZÿ s¿ àÿ{ f f AæHæxÿ Ó¼æœÿ

Éæ;ÿ ¨Sÿ H Ó{`ÿtÿœÿtæÀÿ ¯ÿæ^ÿæ ¨ÿæÀÿ Lÿàÿæ Aµÿ¾æœÿ-2018

¨œÿSvÿtÿ Àÿæ Î êß ¯ÿæDÉ þÉœÿLÿ Lÿ¿æ ¯ÿ{œÿs þqÀÿê

µÿæÀÿtÿêß {ÀÿÁÿ ¯ÿæBÀÿ AtÿÀÿNÿ H A¯ÿ¿ ¯ÿÚÿtÿ fþ `ÿÚÿs : Àÿæ f¿ ÓÀÿLÿæÀÿZÿ {'ÿ ¯ÿæLÿ ¨Öæ ¯ÿ

tÿæÀÿ{`ÿÀÿ{Àÿ fætÿêß ÓYLÿ ÓÀÿäæ Ó©æÚÿ ¨æÁÿtÿ

µÿÀÿtÿ¨Àÿ Q~{Àÿ xÿœÿþæBs ¯ÿ{Uæàÿ~{Àÿ ätÿSÖ ¨fæZÿ WÀÿ µÿæèÿàÿæ

Aæ'ÿ ¯ÿæÓêþæ{œÿ Éätÿ {Üÿ{àÿ HÝÉæÀÿ ÓæþSLÿ ¯ÿLÿæÉ {Üÿ¯ÿ

œÿ¯ÿæÀÿLÿæZÿ ¨tÿ ¯ÿ• ¨æD$¯ÿæ ÜÿóÓæLÿæ f F ÿó 'ÿÎþLÿ {ÀÿæLÿæ ¯ÿæ ¨æB {Lÿ¢ç ÓÀÿLÿæÀÿ tÿÀÿ tÿ ¨'ÿ{ä¨ SÚÿ~ Lÿàÿd;ÿ

¨¯ÿtÿœÿ ÓþtÿÓµÿ¿Zÿ ¯ÿ{ßæS{Àÿ Ótÿ ¯ÿæÀÿ~ Óµÿæ

{fÓAæB ¨äÀÿ ¨fæþfÀÿ µÿ ¯ÿœÿ{Àÿ Ó{üÿB Lÿæ¾¿

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþtÿ Lÿþæ Àÿ þàÿLÿ